## ସଂକ୍ଷେପରେ

### ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ

ରାୟଗଡା,୭।୧(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ାସ୍ଥିତ ବିଦ୍ୟୁତ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଜିଲା ସଭାପତି ଅଜିତ କୁମାର ଚୌଧୁରୀ ଯୋଗଦେଇ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ସଂଘ ଉପସଭାପତି ନରେଶ ସିଂ, ରାଜ୍ୟ ଆଞ୍ଚଳିକ ସମ୍ପାଦକ ଦୀପକ କୁମାର ରାଉତ, ଜିଲା ସାଧାରଣ ସମ୍ପାଦକ ନୀଳାଚଳ ମିଶ୍ର, ସଂଗଠନ ସମ୍ପାଦକ ସାନନ୍ଦ ଚନ୍ଦ୍ର ବେନିଆ, କାର୍ଯ୍ୟକାରୀ ସମ୍ପାଦକ ମହେନ୍ଦ୍ର ବାଗ, ସଦର ବ୍ଲକ୍ ସଭାପତି ସଦାନନ୍ଦ ନାଏକ, ଉପସଭାପତି ସୁଧାକର ଚୌଧୁରୀ, ଉତ୍ତମ କୁମାର ଜେନା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲାରେ ବିଭିନ୍ନ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମ୍ପର୍କିତ ସମସ୍ୟାର ଆଶୁ ସମାଧାନ କ୍ଷେତ୍ରରେ ସଂଘର କାର୍ଯ୍ୟକ୍ରମକୁ ଉପସ୍ଥିତ ସଦସ୍ୟ ପ୍ରଶଂସା କରିଥିଲେ। ଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ଜିଲାରେ ବନ୍ଦ ଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ଶିକ୍ଷକମାନେ ସଂଘର ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ସମସ୍ତ ବର୍ଗର ଶିକ୍ଷକଙ୍କୁ ନେଇ ସଂଗଠନ ଅଧିକ ଦୃଢ଼ କରିବା ନିମନ୍ତେ ପଦକ୍ଷେପମାନ ନିଆଯିବ ବୋଲି ସଭାପତି ଅଜିତ ଚୌଧୁରୀ କହିଛନ୍ତି ।

### ଅକ୍ଷତ, ନିମନ୍ତ୍ରଣପତ୍ର ବଣ୍ଟନ

ମୁନିଗୁଡ଼ା, ୭।୧(ରାଧେଶ୍ୟାମ ଅଗ୍ରୱାଲ)

ଅଯୋଧ ରାମ ମନ୍ଦିର ପ୍ରତିଷ୍ଠା ଦିବସରେ ଯୋଗଦେବା ପାଇଁ ମୁନିଗୁଡ଼ାରେ ରାମଭକ୍ତମାନେ ଘରଘର ବୁଲି ପବିତ୍ର ଅକ୍ଷତ, ନିମନ୍ତ୍ରଣପତ୍ର ବଣ୍ଟନ କରୁଛନ୍ତି। ମୁନିଗୁଡ଼ାସ୍ଥିତ ଶ୍ରୀରାମ ମନ୍ଦିର ଟ୍ରଷ୍ଟି ବୃନ୍ଦାବନ ସାହୁ ଓ ମନ୍ଦିର ପୁରୋହିତ ଶରତ ଶତପଥୀଙ୍କୁ ଆଯୋଧ୍ୟାରୁ ଆସିଥିବା ପବିତ୍ର ଅକ୍ଷତ ଓ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦ ମହିଳା ମଣ୍ଡଳ ସଭାପତି ସନ୍ଧ୍ୟାରାଣୀ ମଲ୍ଲିକଙ୍କ ଦାୟିତ୍ୱରେ ଅନେକ ମହିଳା ଭକ୍ତ ଶ୍ରୀରାମଙ୍କ ଅକ୍ଷତକୁ କପଡ଼ାରେ ପୁଡିଆ ବାନ୍ଧିବା ପରେ ପ୍ରତି ପଞ୍ଚାୟତରେ ଅକ୍ଷତ କଳସୀକୁ ସ୍ୱାଗତ ପରିକ୍ରମା ଚାଲିଛି। ଘରେ ଘରେ ରାମଭକ୍ତମାନେ ପହଞ୍ଚି ପ୍ରଭୁଙ୍କ ପବିତ୍ର ଅକ୍ଷତ ଓ ନିମନ୍ତ୍ରଣ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବକ୍ଷେତ୍ର ଗ୍ରାମ ବିକାଶ ପ୍ରଚାର ପ୍ରମୁଖ ଅଶୋକ କୁମାର ପାଢ଼ୀ, କଳାହାଣ୍ଡି ବିଭାଗ ପ୍ରଚାରକ ଚକ୍ରଧର ରାଓ, ମୁନିଗୁଡ଼ା ବ୍ଲକ ସହ ସଂଯୋଜକ ରାମକୃଷ୍ଣ ପାଣିଗ୍ରାହୀ,ଖଣ୍ଡ ବୌଦ୍ଧିକ ପ୍ରମୁଖ ପ୍ରଦୀପ ସାହୁ, ଗାୟତ୍ରୀ ପରିବାର ତରଫରୁ ପ୍ରସନ୍ନ ସାହୁ, ଭାଗବତ ତୁଙ୍ଗି ସମ୍ପାଦକ ପି.ସୁଧାକର ପାତ୍ର,ବଂଶୀଧର ନନ୍ଦ,ରମେଶ ସାହୁ,ବିଷୟ



ସମାଜସଂଯୋଜକ ଦୁଃଖିଶ୍ୟାମ ସୁବୁଦ୍ଧି,ସଂଘ କାର୍ଯ୍ୟକର୍ତ୍ତା ମନୋରଞ୍ଜନ ଦଳାଇ,ଅର୍ଜୁନ ତ୍ରିବେଦି,ଗଟନାୟକ ବିଶ୍ୱନାଥ ସେଠୀ, ଶାରିରିକ ପ୍ରମୁଖ ସୋମନାଥ ପାଣିଗ୍ରାହୀ ଏବଂ ଅନେକ ଭକ୍ତ ଏକାଠି ହୋଇ ଶ୍ରୀରାମ ନାମ ଜପ କରିଥିଲେ। ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ,ହିନ୍ଦୁ ଜାଗରଣ ସାମୁଖ୍ୟ ଓ ସଂଘ ପରିବାରର ଭୀମ ବେହେରା, ପଦ୍ମ ବେହେରା, ବୁଦ୍ଧିଆ ଗୌଡ଼, ସୁବାସ ପ୍ରାସ୍କା,ଅଶ୍ୱିନୀ ବାରିକ, ଗଣେଶ ସେଠୀ ଏବଂ ଅନେକ ଭକ୍ତ ଘର ଘର ବୁଲି ନିମନ୍ତ୍ରଣ ବାଣ୍ଟୁଥିବା ଦେଖିବାକୁ ମିଳୁଛି।

# ସବୁଠି ଅର୍ପଣ ରଥକୁ ସ୍ୱାଗତ, ଭକ୍ତିମୟ ପରିବେଶ

ରାୟଗଡ଼ା/ମୁନିଗୁଡ଼ା, ୭।୧ (ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର/ ରାଧେଶ୍ୟାମ ଅଗ୍ରୱାଲ)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ରାୟଗଡ଼ା ଜିଲା ୧୧ଟି ବ୍ଲକ୍‌ରୁ ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ କରାଯାଇଛି। ରବିବାର ଅର୍ପଣ ରଥ କୋଲନରା, ରାମନାଗୁଡ଼ା ଓ ରାୟଗଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ବୁଲି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ଶ୍ରଦ୍ଧାଳୁଙ୍କଠାରୁ ଗୁଆ ଓ ଚାଉଳ ସଂଗ୍ରହ କରିଛି । ଅର୍ପଣ ରଥ ସହ କୀର୍ତ୍ତନ ମଣ୍ଡଳୀ ବୁଲୁଥିବାରୁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି। ଲୋକମାନେ ମଧ୍ୟ ପୂଜାର୍ଚ୍ଚନା ପୂର୍ବକ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ । ରାୟଗଡ଼ାରେ ୪ଟି ପ୍ରଚାର ରଥ, କୋଲନରାରେ ୫ଟି ଅର୍ପଣ ରଥ ସମସ୍ତ ଅଞ୍ଚଳ ବୁଲୁଥିବା ନେଇ ସୂଚନା ମିଳିଛି । କୋଲନରା ବ୍ଲକରେ ରଥ ପରିକ୍ରମା ସମୟରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲା ପରିଷଦ ସଭ୍ୟ ଆଇ.ଧବଳେଶ୍ୱର ନାଇଡୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ରାୟଗଡ଼ା ବ୍ଲକର ହାଲୁଆ, ପେଣ୍ଟା, ଚାନ୍ଦିଲି ଓ କର୍ଲାକଣା ପଞ୍ଚାୟତ ଏବଂ ରାମନାଗୁଡ଼ା ବ୍ଲକର ୨ଟି ପଞ୍ଚାୟତ ଏବଂ କୋଲନରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥ ବୁଲି ଲୋକଙ୍କୁ ନିମନ୍ତ୍ରଣ କରିବା ସହ ଗୁଆ, ଚାଉଳ ସଂଗ୍ରହ କରିଛି । ସେହିପରି ଗୁଡାରି, ବିଷମ କଟକ, ମୁନିଗୁଡା, ଗୁଣପୁର, ପଦ୍ମପୁର ଓ କାଶୀପୁର, କଲ୍ୟାଣସିଂପୁର ବ୍ଲକରେ ଭାବ୍ୟରଥ ପରିକ୍ରମା କରିଥିଲା । ସବୁ ସ୍ଥାନରୁ ଗୁଆ, ଚାଉଳ ସଂଗ୍ରହ ପରେ ଜିଲାରେ ଏକତ୍ରିତ କରାଯାଇ ପୁରୀ ପଠାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।




ମୁନିଗୁଡ଼ା ବ୍ଲକ୍‌ରେ ଅର୍ପଣ ରଥ ସହ ସଂକୀର୍ତ୍ତନ ମଣ୍ଡଳୀ ବୁଲୁଛନ୍ତି।

## ଗୁଣପୁରରେ ଶ୍ରୀରାମଙ୍କ ଅକ୍ଷତ ବଣ୍ଟନ



ଅକ୍ଷତ ବଣ୍ଟନ କାର୍ଯ୍ୟକ୍ରମରେ ଶିଶୁମାନେ ସାମିଲ ହୋଇ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

ଗୁଣପୁର,୭।୧(ପ୍ରଦୀପ କୁମାର ପାଢୀ)

ଅଯୋଧ୍ୟାରୁ ଆସିଥିବା ଅକ୍ଷତକୁ ଗୁଣପୁର ସହରର ବିଭିନ୍ନ ୱାର୍ଡରେ ବଣ୍ଟନ କାର୍ଯ୍ୟକ୍ରମ ଜୋରସରରେ ଚାଲୁ ରହିଛି। ବିରାଟ ପଟୁଆରରେ ଲୋକମାନେ ଭଜନ ସଙ୍କୀର୍ତ୍ତନ କରି ଘରଘର ବୁଲି ଶ୍ରୀରାମଙ୍କ ଅକ୍ଷତ ବଣ୍ଟନ କରୁଛନ୍ତି। ଶ୍ରୀରାମଙ୍କ ଜୟଧ୍ୱନିରେ ସହର ପ୍ରକମ୍ପିତ ହୋଇ ଉଠିଛି। ପିଲାମାନେ ପ୍ରଭୁ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ, ହନୁମାନ ଭଳି ବିଭିନ୍ନ ବେଶରେ ସଜ୍ଜିତ ହୋଇ ଅକ୍ଷତ ସହ ନିମନ୍ତ୍ରଣପତ୍ର ଏବଂ ମନ୍ଦିର ଫଟୋ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି।

## ଦେଶୀ ମଦ ଭାଟିରେ ଚଢ଼ାଉ, ଜଣେ ଗିରଫ

ଟିକିରି,୭।୧(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ଥାନା ପକ୍ଷରୁ ମୁନୁଷ ଗାଁ ଅନ୍ତର୍ଗତ ରାମଗିରି ଅଞ୍ଚଳରେ ରବିବାର ଦେଶୀ ମଦଭାଟି ଉପରେ ଚଢ଼ାଉ କରାଯାଇଛି। ପୋଲିସ ୧୫୦ ଲିଟର ରନ୍ଧା ମଦ, ମଦ ରନ୍ଧାରେ ବ୍ୟବହୃତ ସାମଗ୍ରୀ ସହ ବିପୁଳ ମାତ୍ରାରେ ମହୁଲ ଜବତ କରିଛି । ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ କହିଛନ୍ତି। ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ରାମଗିରି ଗ୍ରାମରେ ବିପୁଳ ପରିମାଣର ମଦ ପ୍ରସ୍ତୁତ କରି ସୀମାନ୍ତ କଳାହାଣ୍ଡିର ବିଭିନ୍ନ ଗ୍ରାମରେ ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। କାଶୀପୁର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତରେ ଚଢ଼ାଉ କରିଥିଲେ । ଏହି ସମୟରେ ପୋଲିସ ୧୫୦୦ କେଜି ପଚା ଗୁଡ ଓ ପଚା ମହୁଲ ଜବତ କରି ନଷ୍ଟ କରିଥିବା ରନ୍ଧା ମଦ ଓ ଏଥିରେ ବ୍ୟବହୃତ ଅନ୍ୟ ସାମଗ୍ରୀ ସବୁ ଜବତ କରିଛି ।

# ଆରବିଆଇର ଆର୍ଥିକ ସାକ୍ଷରତା, ସଚେତନତା ଉପରେ ୱାକାଥନ

ରାୟଗଡା,୭।୧(ଭାଗ୍ୟଶ୍ରୀ ମିଶ୍ର)

ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ରାୟଗଡା ଜିଲାରେ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ ୱାକାଥନ ଆୟୋଜନ କରାଯାଇଛି । ରାୟଗଡାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରୁ ଏହି ୱାକାଥନ୍ ଆରମ୍ଭ ହୋଇ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଟାଉନ ଥାନା, ଜିଲା ମୁଖ୍ୟ ଚିକିତ୍ସାଳୟ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା, ଦୈନିକ ବଜାର, ରେଳୱେ ଓଭରବ୍ରିଜ ଦେଇ ଅଡ଼ିଟୋରିୟମଠାରେ ଶେଷ ହୋଇଥିଲା ଏଥିରେ କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ କୃଷକ, ବରିଷ୍ଠ ନାଗରିକ ପ୍ରମୁଖ ୨୫୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ।

ୱାକାଥନ ପରେ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ (ଏଫଏଲଏଫଏଲଇ) ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଂ, ବିଭିନ୍ନ ପ୍ରକାର ଠକେଇରୁ ବର୍ତ୍ତିବା, ଚିରା ନୋଟ ବିନିମୟ ସୁବିଧା, ଆରବିଆଇର ଏକିକୃତ ଲୋକପାଳ ଯୋଜନା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ସତ୍ୟବ୍ରତ ବରୁଆ,ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଦେବେନ୍ଦ୍ର କୁମାର ବାଉରୀ, ଜିଲା ପ୍ରବନ୍ଧକ ଭବ ରଞ୍ଜନ ମିଶ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରବନ୍ଧକ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ୱାକାଥନରେ ଅଂଶଗ୍ରହଣ କରିଥିବା ବ୍ୟାଙ୍କ କର୍ମଚାରୀ ଓ ଅନ୍ୟମାନେ।

## ଆଚାର୍ଯ୍ୟ ସଂସ୍କୃତି ଜ୍ଞାନ ପରୀକ୍ଷା

ଗୁଣପୁର, ୭।୧(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଚାର୍ଯ୍ୟ ସଂସ୍କୃତି ଜ୍ଞାନ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପରୀକ୍ଷାରେ ଅନୁଷ୍ଠାନର ଆଚାର୍ଯ୍ୟା, ଆଚାର୍ଯ୍ୟ , ଅଭିଭାବକ ବୃନ୍ଦ ଅଂଶଗ୍ରହଣ କରିଥିଲେ । ମହାନ ଓ ସର୍ବପ୍ରାଚୀନ ସନାତନ ସଂସ୍କୃତି ବିଶ୍ୱରେ ଅଦ୍ୱିତୀୟ, ସେ ବିଷୟରେ ଜ୍ଞାନ ଆହରଣ କରିବା ଉଦ୍ଦେଶ୍ୟରେ ଏଇ ପରୀକ୍ଷା ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ସେହିପରି ଶନିବାର ଛାତ୍ର ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଉକ୍ତ ପରୀକ୍ଷାରେ ନିଜ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଦ୍ୟାନିକେତନ ପବ୍ଲିକ ସ୍କୁଲ, ସରକାରୀ କେନ୍ଦ୍ରୀୟ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାଟିଆ ସାହି ପ୍ରାଥମିକ ବିଦ୍ୟାଳୟ, ଶାନ୍ତିନିକେତନ ମହାବିଦ୍ୟାଳୟ, ବିଟ୍ସ ଯାନ୍ତ୍ରିକ ମହାବିଦ୍ୟାଳୟ ଓ ମହର୍ଷି ଗୁରୁକୁଳ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ, ସହ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷୀ ବାହାଦୁର ସୁନାର ଓ ପରୀକ୍ଷା ପ୍ରମୁଖ କିଶୋର ଚନ୍ଦ୍ର ସାହୁ ପରୀକ୍ଷା ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିଥିଲେ ।

## ସିନ୍ଧୁଜା ସମ୍ମାନ ପାଇଲେ ଦ୍ୱିତୀ




ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଡ. ଦ୍ୱିତୀ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରୁଛନ୍ତି।

ରାୟଗଡ଼ା,୭।୧(ଆଶିଷ ରଞ୍ଜନ ପଣ୍ଡା)

ବିଶିଷ୍ଟ ଲେଖକ ଡ଼. ଦ୍ୱିତୀ ଚନ୍ଦ୍ର ସାହୁ ପାଇଲେ ସିନ୍ଧୁଜା ସମ୍ମାନ ୨୦୨। ଭୁବନେଶ୍ୱରସ୍ଥିତ ସୂଚନା ଭବନ ପରିସର ଗୀତ ଗୋବିନ୍ଦ ସଦନରେ ଆୟୋଜିତ ମାସିକ ମହିଳା ଓ ପାରିବାରିକ ପତ୍ରିକା ସିନ୍ଧୁଜାର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ ଡ଼ଃ ସାହୁଙ୍କୁ ମାନପତ୍ର, ସ୍ମାରକୀ ଓ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଛି । ଦୀର୍ଘ ବର୍ଷ ଧରି ନିଷ୍ଠାପର ସାହିତ୍ୟ ସାଧନା ଲାଗି ତାଙ୍କୁ ଏଇ ସମ୍ମାନରେ ସମ୍ମାନିତ କରାଯାଇଥିବା ପତ୍ରିକାର ପରିଚାଳନା ନିର୍ଦ୍ଦେଶକ ଡ଼. ମାଧବ ବେହୁରା କହିଛନ୍ତି । ବିଶିଷ୍ଟ ଲେଖିକା ଡ଼. ଅର୍ଚ୍ଚନା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼. ନୃପରାଜ ସାହୁ ଏବଂ ପତ୍ରିକାର ସମ୍ପାଦିକା ଶର୍ମିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ଼. ସାହୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ସର୍ବାଙ୍ଗୀନ ବିକାଶ ଲାଗି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ବିଲେଷୁ ଉଚ୍ଚ ବିଦ୍ୟାଳୟରେ ଟିଜିଟି ଶିକ୍ଷକ ଭାବେ କର୍ମରତ ଡ଼. ସାହୁ ବିଦ୍ୟାଳୟସ୍ତରରେ ନୂତନ ଶୈକ୍ଷିକ ପରୀକ୍ଷଣ କରି ସେ ସଫଳତା ହାସଲ କରିଛନ୍ତି। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ ସହ ସୁସାହିତ୍ୟିକ, ଗୀତିକାର, ମଞ୍ଚ ଅଭିନେତା, ନିର୍ଦ୍ଦେଶକ, କ୍ଷୁଦ୍ର ଚଳଚିତ୍ର ନିର୍ଦ୍ଦେଶକ ସର୍ବୋପରି ଆଦିବାସୀ ସଂସ୍କୃତି ଗବେଷକ । ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ପ୍ରଶାସକ ଜଗନ୍ନାଥ ମହାନ୍ତି, ପ୍ରଫେସର ନାକୁ ହଂସଦା, ଡ଼ଃ ଅଜୟ ସ୍ୱାଇଁ, ଭୀମ ପୃଷ୍ଟି, କବି ଅଜୟ ସ୍ୱାଇଁ, ଦେବାଶିଷ ସାମନ୍ତରାୟ, ସୁଜାତା ମହାପାତ୍ର, ହରିହର ପଣ୍ଡା, ସୁଷମା ମିଶ୍ର, କୀର୍ତ୍ତି ଚନ୍ଦ୍ର ସାହୁ , ଶିବାଶିଷ ପାଢ଼ୀଙ୍କ ସମେତ ରାୟଗଡ ଜିଲାର ସାହିତ୍ୟିକ ତଥା ବୁଦ୍ଧିଜୀବୀମାନେ ଡ଼. ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କୁଇ ଭାଷାର ସଂରକ୍ଷଣ ପାଇଁ ବିଜୟଙ୍କ ପ୍ରୟାସ

ରାୟଗଡା,୭।୧(ଭାଗ୍ୟଶ୍ରୀ ମିଶ୍ର)

ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲାରେ ଆଦିବାସୀଙ୍କ ସ୍ୱର ପାଲଟିଛନ୍ତି ଜଣେ ଆଦିବାସୀ ଯୁବକ। ସମାଜରେ ଆଧୁନିକତା ଚାକଚକ୍ୟ ଭିତରେ ହଜି ଯାଉଥିବା ଆଦିବାସୀ କୁଇ ଭାଷାର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ପାଇଁ ଆଗେଇ ବିଜୟ ମେଲେକା । ବିଷମକଟକ ବ୍ଲକ ଅନ୍ତର୍ଗତ ବଡ଼ ଗତିଗୁଡା ଗ୍ରାମର ସ୍ୱର୍ଗତ ଦାଶରଥି ମେଲେକାଙ୍କ ପୁଅ ବିଜୟ ଏବେ ରାୟଗଡ଼ାସ୍ଥିତ ସ୍କିଲ ଡେଭଲପମେଣ୍ଟ ଟ୍ରେନିଂ ସେଣ୍ଟରରେ କମ୍ପ୍ୟୁଟର ଶିକ୍ଷକ ଭାବେ ଏବେ କାର୍ଯ୍ୟରତ। ନିଜ ଅଞ୍ଚଳ ବିକାଶ ପାଇଁ କିଛି କରିବାର ଇଚ୍ଛା ତାଙ୍କୁ ବାହାର ରାଜ୍ୟରେ ଚାକିରି କରି ଅଧିକ ରୋଜଗାର କରିବା ଚିନ୍ତାଧାରାଠାରୁ ଦୂରେଇ ରଖିଥିଲା ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆଦିବାସୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ବିକାଶ ଓ ବାଲ୍ୟ ବିବାହର କୁପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରୁଛନ୍ତି।



ବିଜୟ ଏକ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଛନ୍ତି । ତେଣୁ ଅଭାବ ଭିତରେ ରହି ଆସିଥିବାରୁ ଗ୍ରାମାଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କ ସମସ୍ୟା ଅଙ୍ଗେ ନିଭେଇ ଥିଲେ। ୧୯୯୭ରେ ତାଙ୍କ ବାପାଙ୍କୁ ହରାଇବା ପରେ ପରିବାରରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧ କରିପାରି ଅଭାବ ଅନଟନ ଭିତରେ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଫଳତାର ସହ ବାଣିଜ୍ୟ ବିଭଗରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ସେ ଏମ୍‌କମ୍ କରିଛନ୍ତି। ତେଣୁ ପିଲାଟି ଦିନରୁ ସମାଜସେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଶିକ୍ଷାର ଅଭାବ ଯୋଗୁ ଆଦିବାସୀମାନେ କିପରି ପଛୁଆ ହୋଇ ରହିଯାଉଛନ୍ତି, ସେ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆରମ୍ଭ କଲେ। ୨୦୧୧ରୁ ସେ ସାମାଜିକ କର୍ମୀ ଭାବେ ନିୟୋଜିତ ହେବା ସହ ଅନେକ ଶିଶୁଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିଛନ୍ତି। କରୋନା ସମୟରେ ୨୫ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରାୟ ୫୦୦ ପିଲାଙ୍କୁ ମାଗଣା ଆଭାସୀ ଶିକ୍ଷା ପ୍ରଦାନ କରୁଥିଲେ । ଏବେ କ୍ଷୁଦ୍ର ଚଳଚ୍ଚିତ୍ର, ଭିଡିଓ, ବିଭିନ୍ନ ବାର୍ତ୍ତା ଜରିଆରେ ଲୋକଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରୁଛନ୍ତି। ଆଦିବାସୀ ଭାଷା ପ୍ରଚାରକ ଏବଂ ଭାଷା ସଂରକ୍ଷକ, ସାମାଜିକ କର୍ମୀ ଭାବେ ବେଶ ପରିଚିତ । ତାଙ୍କର ଏହି ମହତ କାର୍ଯ୍ୟ ପାଇଁ ତାଙ୍କୁ ଚଇତି ସମ୍ମାନରେ ସମ୍ମାନ କରାଯାଇଛି ।

### ଆଦିବାସୀ ଅଞ୍ଚଳରେ ଲୋକଙ୍କୁ କରୁଛନ୍ତି ସଚେତନ

# ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ରାୟଗଡ଼ା,୭।୧(ଆଶିଷ ରଞ୍ଜନ ପଣ୍ଡା)

ସପ୍ତାହେ ବ୍ୟାପି ଚାଲିଥିବା ସଡ଼କ ସୁରକ୍ଷା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାୟଗଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବର୍ଷତମାମ ସଚେତନତା କାର୍ଯ୍ୟକ୍ରମ ସହିତ ଦୁର୍ଘଟଣା କମାଇବା ଉପରେ ଗୁରୁତ୍ୱ ଦେବାକୁ ଉଭୟ ଅତିଥି ପରାମର୍ଶ ଦେଇଥିଲେ। ରାଜ୍ୟର ଅନ୍ୟ ଜିଲା ଅପେକ୍ଷା ରାୟଗଡ଼ା ଜିଲାରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଭଲରେ ହେବା ସହିତ ୨୦୨୩ ବର୍ଷରେ ଦୁର୍ଘଟଣା କମିଥିବାରୁ ପ୍ରଶଂସା କରିଥିଲେ। ଗତବର୍ଷ ବିଭିନ୍ନ ଜିଲାର ସ୍ଥାନରେ ଦୁର୍ଘଟଣାରେ ୧୧୬ ଜଣଙ୍କ ଜୀବନହାନୀ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିବ ପ୍ରସାଦ ଚୌଧୁରୀ ସୂଚନା ଦେଇଛନ୍ତି।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଡକ ସୁରକ୍ଷା ସପ୍ତାହ ଅବସରରେ ୨ଟି ସ୍ଥାନରେ ଚକ୍ଷୁ ପରୀକ୍ଷା ଶିବିର, ୨ ସ୍ଥାନରେ ୱାକାଥନ, ୩ସ୍ଥାନରେ ଚାହା ବଣ୍ଟନ ସମେତ ସମଗ୍ର ଜିଲାରେ ସଚେତନତା ରଥ ବୁଲିଥିବା ପରିବହନ ଅଧିକାରୀ ଚୌଧୁରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଅମୁଲ୍ୟ କୁମାର ଧର, ଡିଏସ୍‌ପି ସୁଶାନ୍ତ ତାଉଡ଼ିଆ, ଅତିରିକ୍ତ ଆରଟିଓ ଡିପିକେ ବାଗଲା ଓ ଏମଭିଆଇ ରାଜକୁମାର ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ଓ ଦୁର୍ଘଟଣା ସମୟରେ ଜୀବନ ବଞ୍ଚାଇଥିବା ୩୩ ଜଣ ସ୍ୱେଚ୍ଛାସେବୀ ଏବଂ ୧୩ ଜଣ ଜନସାଧାରଣ ମୋଟ ୪୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ରାୟଗଡ଼ା ଜିଲାପାଳ ଓ ଏସ୍‌ପି କାଶୀପୁରର ଅମୟ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ବାଇକ୍ ଚୋରି ର୍ୟାକେଟ୍‌ର ପର୍ଦ୍ଦାଫାଶ, ୩ ଗିରଫ

ରାୟଗଡ଼ା,୭।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ହୋଇଥିବା ବାଇକ ଚୋରି ମାମଲାର ପର୍ଦ୍ଦାଫାଶ କରିଛି ଟାଉନ ଥାନା ପୋଲିସ । ଏହି ମାମଲାରେ ସମ୍ପୃକ୍ତ ୩ ବାଇକ୍ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପିତାମହଲ ପଞ୍ଚାୟତ ଦିଶାରିଗୁଡ଼ା ଗ୍ରାମର ଭୁବନ ପ୍ରଧାନୀ (୨୬), କଲ୍ୟାଣସିଂହପୁର ଥାନା ବଡ଼ଦ୍ୱାର ସାହିର ଅକ୍ଷୟ ଗରଡ଼ିଆ(୨୬) ଏବଂ ଅଡ଼ାବାଡ଼ି ଗ୍ରାମର ରବି କୌଶଲ୍ୟା(୩୦) । ସେମାନଙ୍କ ନିକଟରୁ ପୋଲିସ ଚୋରି ହୋଇଥିବା ୫ ବାଇକ ଜବତ କରିଛି ।

କାଶୀପୁର ବ୍ଲକ ଅଣ୍ଡିରାକାଞ୍ଚ ଥାନା ଅନ୍ତର୍ଗତ ଝୋଡ଼ିପଦର ଗ୍ରାମର ହିରନ ନାଏକ କୌଣସି କାମରେ ଡିସେମ୍ବର ୨୩ରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେ ହସ୍‌ପିଟାଲରୁ ଫେରି ଦେଖିଲାବେଳକୁ ତାଙ୍କ ବାଇକ ଚୋରି ହୋଇଯାଇଥିଲା । ବହୁ ଖୋଜାଖୋଜି ପରେ ମଧ ବାଇକ ନ ମିଳିବାରୁ ସେ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ୩୯୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ଦିଶାରିଗୁଡ଼ା ଗ୍ରାମର ଭୁବନୀ ପ୍ରଧାନଙ୍କୁ ଗିରଫ କରି ପଚରାଉଚରା କରିଥିଲା। ଭୁବନ ନିଜର ଦୋଷ ସ୍ୱୀକାର କରିବା ସହିତ ଚୋରି ର୍ୟାକେଟରେ ଜଡ଼ିତ ଥିବା ଅକ୍ଷୟ ଓ ରବିଙ୍କ ନାମ ପ୍ରକାଶ କରିଥିଲେ । ପୋଲିସ ଟ୍ରାକିଂ କରି ଉକ୍ତ ୨ଜଣଙ୍କୁ ଗିରଫ କରିଥିଲା। ପୋଲିସ ତଦନ୍ତ ବେଳେ ଭୁବନଙ୍କଠାରୁ ୨ଟି ଗାଡ଼ି (ଓଡ଼ି୧୮ଏ୧୦୫୯) ଓ (ଓଡ଼ି୧୮ଡି୮୨୪୭) ଜବତ କରିଥିଲା । ସେହିଭଳି ଅକ୍ଷୟ ଗରଡିଆଙ୍କଠାରୁ ୨ଟି ବାଇକ୍ (ଓଆର୦୮ଏଫ୍୪୭୦୧) ଏବଂ (ଓଆର୧୮ଏ୭୭୭୬) ଏବଂ ରବିଙ୍କଠାରୁ ଗୋଟିଏ ନମ୍ବର ବିହୀନ ଗାଡ଼ି ଜବତ କରାଯାଇଥିବା ଟାଉନ ଥାନା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି । ତଦନ୍ତରୁ ସମସ୍ତ ଗାଡ଼ି ସେମାନେ ଚୋରି କରିଥିବା ଜଣାପଡ଼ିଛି । ଟାଉନ ଥାନା ଏସ୍‌ଆଇ କ୍ଷୀରସିନ୍ଧୁ ସାହୁ ଏହି ମାମଲାର ତଦନ୍ତ କରୁଥିଲେ । ତେବେ ରାୟଗଡ଼ା ସହରରେ ଏହିଭଳି ଅନେକ ଗାଡ଼ି ଚୋରି ଓ ବନ୍ଦ ଘରୁ ବେଧଡ଼କ ଚୋରି ଚାଲିଛି । ଏଥିପ୍ରତି ପୋଲିସ ବିଶେଷ ଧ୍ୟାନ ଦେଇ ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।



ପୋଲିସ ଗିରଫ କରିଥିବା ୩ ଦୁର୍ବୃତ୍ତଙ୍କ ସହ ଜବତ ୫ ବାଇକ୍।

### ୫ ଚୋରି ଗାଡ଼ି ଜବତ

**ଜଙ୍ଗଲରେ ଅବକାରୀ ଚଢାଉ**

ଜୟପୁର, (ପବନ ପାଣିଗ୍ରାହୀ) - ଜୟପୁର ସଦର ଥାନା ଅନ୍ତର୍ଗତ ନୂଆଗୁଡା ଜଙ୍ଗଲରେ ରବିବାର ଅବକାରୀ କର୍ମଚାରୀ ଚଢାଉ କରି ମଦ ବ୍ୟବସାୟୀମାନେ ମଦ ପ୍ରସ୍ତୁତି ଲାଗି ରଖିଥିବା ସରଞ୍ଜାମକୁ ଜବତ କରିଛନ୍ତି। ତେବେ ଚଢାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ କେବଳ ମଦ ଭାଟି ଭାଙ୍ଗି ୫ଶହ ଲିଟର ପୋଚ ଓ ୩୦ ଲିଟର ଦେଶୀ ମଦ ଜବତ କରି ଫେରିଥିବା ଓଆଇସି ନିଳାଦ୍ରି ବିହାରୀ ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ଜାତୀୟ ଭିନ୍ନକ୍ଷମ ଟ୍ରଷ୍ଟି ସଭ୍ୟ ହେଲେ ଜଗତ

ବାଲିମେଳା,୭।୧ (ଶିବ ଦତ୍ତ ସାହୁ)



ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରୀ-୩ ପଞ୍ଚାୟତ ବାଲିମେଳା ଛକ ନିବାସୀ ଜଗତ ଜୀବନ ପାତ୍ର ଜାତୀୟ ଭିନ୍ନକ୍ଷମ ଟ୍ରଷ୍ଟ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଜଗତ ଭିନ୍ନକ୍ଷମ ହୋଇଥିବା ବେଳେ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଏଥିସହିତ ଜିଲାର ଦିବ୍ୟାଙ୍ଗ ବ୍ୟକ୍ତିମାନେ ଯେଉଁମାନେ କି ସରକାରୀ ସହାୟତାରୁ ବଞ୍ଚିତ ସେମାନଙ୍କ ପାଇଁ ସହଯୋଗର ହାତ ବଢ଼ାଇ ବିଭିନ୍ନ ସମୟରେ ବହୁ ପ୍ରଶଂସା ସାଉଁଟିଛନ୍ତି। ଏଥିସହିତ ସେ ଜିଲା ଭିନ୍ନକ୍ଷମ ସଙ୍ଘ ସଭାପତି ଅଛନ୍ତି। ତେବେ ଜଗତଙ୍କର ଦିବ୍ୟାଙ୍ଗମାନଙ୍କ ପ୍ରତି ଥିବା ଉଦାର ମନୋଭାବ ଦେଖି ମାଲକାନଗିରି ଜିଲାପାଳ ବିଶାଳ ସିଂ ତାଙ୍କୁ ଜାତୀୟ ଭିନ୍ନକ୍ଷମ ଟ୍ରଷ୍ଟି ସଭ୍ୟ ଭାବେ ମନୋନୀତ କରିଛନ୍ତି।

### ଜୟପୁରରେ ବୁଲିବ ଜୟ ଜଗନ୍ନାଥ ଅର୍ପଣ ରଥ

ସଂଗୃହୀତ ଗୁଆ ଓ ଚାଉଳ ପଠାଯିବ ପୁରୀ

ଜୟପୁର, ୭।୧ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ବୁଲିବ ଜୟ ଜଗନ୍ନାଥ ଅର୍ପଣ ରଥ। ଏନେଇ ଜୟପୁର ପୌର ପାଳିକା ପକ୍ଷରୁ ଟାଉନ ହଲଠାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ଗୋପାଳ ସାହୁ, ପୌର କନିଷ୍ଠଯନ୍ତ୍ରୀ ପ୍ରତାପ ଆଚାର୍ଯ୍ୟ , ବିଜେଡିର ଇନ୍ଦିରା ନନ୍ଦଙ୍କ ସହ ସଙ୍କୀର୍ତ୍ତନ ମଣ୍ଡଳୀ, କାଉନସିଲରଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୭ରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ । ଏହି ଅବସରରେ ଆସନ୍ତା ୮ ତାରିଖରୁ ୧୪ ତାରିଖ ମଧ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ଜୟପୁର ସହରରେ ବୁଲିବ। ଏହି ରଥ ସମସ୍ତ ୱାର୍ଡ, ସାହି ପରିକ୍ରମା କରି ଘରମାନଙ୍କରୁ ଗୁଆ ଓ ଚାଉଳ ସଂଗ୍ରହ କରିବ । ସଂଗୃହୀତ ହୋଇଥିବା ଏହି ଗୁଆ ଓ ଚାଉଳ ମହାପ୍ରଭୁ ଜଗନ୍ନାଥଙ୍କ ସେବାରେ ବିନିଯୋଗ ପାଇଁ ପୁରୀ ପଠାଯିବ ବୋଲି ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି । ଏହି ଅବସରରେ ଜୟପୁର ସହରରେ ଦୁଇଟି ଜୟ ଜଗନ୍ନାଥ ଅର୍ପଣ ରଥ ବୁଲିବ । ଏହି ସମୟରେ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଉପସ୍ଥିତ ରହବେ।

### ପ୍ରାଥମିକ ଶିକ୍ଷକ ସଂଘ ଦିବସ ପାଳିତ

ଜୟପୁର,୭।୧(ପବନ ପାଣିଗ୍ରାହୀ)

ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ଦିବସ ରବିବାର ପାଳିତ ହୋଇଛି। ସଂଘ ସଭାପତି ଦେବୀ ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ପି. ହରିଶ୍ଚନ୍ଦ୍ର ରାଓ, ଅବସର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ, ଯୁଗଳ ଚନ୍ଦ୍ର ସାହୁ, ଗଣେଶ୍ୱର ମିଶ୍ର, ଅଭି ତ୍ରିପାଠୀ, ସଂଘ ସମ୍ପାଦକ ଭାଗୀରଥି ବାରିକ, ଉପସଭାପତି ଜ୍ୟୋତିଶଙ୍କର ତ୍ରିପାଠୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ପଣ୍ଡା ସଭା ପରିଚାଳନା କରିଥିଲେ। ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୧୧ ଲିଟର ଦେଶୀମଦ ଜବତ

ଦଶମନ୍ତପୁର, ୭।୧ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତର ଗିର୍ଲି ଗ୍ରାମ ବିଶୋୟୀ ସାହିରୁ ପୋଲିସ ୧୧ ଲିଟର ଦେଶୀ ମଦ ଜବତ କରିଛି। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱରେ ଏସ୍ଆଇ ଏଲକେ ପଣ୍ଡା, ଆରଏନ ବଡକୁମାର, ଗୃହରକ୍ଷୀ ଶତ୍ରୁଘନ ଡାକୁଆ, ସୁଶୀଲ ଖରା, ପ୍ରବୀଣ ଖସଲା ପ୍ରମୁଖ ଗ୍ରାମର ସୀମାଞ୍ଚଳ ବିଶୋୟୀଙ୍କ ମଦଭାଟିରେ ଚଢ଼ାଉ କରି ଦେଶୀ ମଦ ଜବତ କରିଥିଲେ। ତେବେ ଚଢାଉ ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ କେସ୍ ନଂ. ୧/୨୪ରେ ଏକ ମାମଲା ରୁଜୁ ହୋଇଥିବା ଏସଆଇ ପଣ୍ଡା କହିଛନ୍ତି।

# ଅପପ୍ରଚାରରେ ରୋକ, ଅପରିବର୍ତ୍ତିତ ରହିଲେ ସଭାପତି

ନନ୍ଦପୁର, ୭।୧ (ଶଙ୍କର ପୂଜାରୀ)

**ବାଲଡ଼ା ନାଗେଶ୍ୱରୀ ପାହାଡ ସୁରକ୍ଷା ସମିତି ବୈଠକରେ ନିଷ୍ପତ୍ତି**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଲଡା ନାଗେଶ୍ୱରୀ ପାହାଡ ଓ ଗୁମ୍ଫା ସୁରକ୍ଷା ନିମିତ୍ତ ବନବିଭାଗ ଦ୍ୱାରା ଗଠିତ ନାଗେଶ୍ୱରୀ ସୁରକ୍ଷା ସମିତିର ଏକ ଜରୁରୀ ବୈଠକ ରବିବାର ଭେଜା ପଥପ୍ରାନ୍ତ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ସମିତିର କାର୍ଯ୍ୟକାଳ ୨ବର୍ଷ ପୂରଣ ଯାଏ ସଭାପତି ପଦ ଅପରିବର୍ତ୍ତିତ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନା ଥାଉକି ବ୍ୟକ୍ତିଗତ କାରଣ ଦର୍ଶାଇ ସମିତିର ସଭାପତି ରବୀନ୍ଦ୍ର ପାଙ୍ଗୀ କିଛିଦିନ ତଳେ ନିଜ ଇସ୍ତଫାପତ୍ର ଉପ ସଭାପତି କାର୍ତ୍ତିକ ଖେମୁଣ୍ଡୁଙ୍କୁ ପ୍ରଦାନ କରିଥିଲେ। ଫଳରେ ଅନ୍ୟ ଏକ ଗୋଷ୍ଠୀ ସକ୍ରିୟ ହୋଇ ନିଜକୁ ବିଭିନ୍ନ ପଦ ପଦବୀରେ ଥିବା ଘୋଷିତ କରି ସୁରକ୍ଷା ସମିତି ନାମରେ ଅପପ୍ରଚାର କରିବା ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଆଲୋଚନା କରିବାକୁ ଉପ ସଭାପତି ଖେମୁଣ୍ଡୁ ଓ ସମିତି ସମ୍ପାଦକ ବାଲଡ଼ା ବନପାଳ ସୁରେନ୍ଦ୍ର ଗୌଡଙ୍କ ଆବାହକତ୍ୱରେ ଏକ ବୈଠକ ଆୟୋଜନ ହୋଇଥିଲା। ବୈଠକରେ ବାଲଡ଼ା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର, ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ, ନାଗେଶ୍ୱରୀ ପାହାଡ ପାରିପାର୍ଶ୍ୱିକ ୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସମସ୍ତ କାର୍ଯ୍ୟକାରୀ ସଭାପତି, ୨୧ଖଣ୍ଡ ଗ୍ରାମର ମୁଖିଆ ଉପସ୍ଥିତ ଥିଲେ। ଜଙ୍ଗଲ ବିଭାଗର ବନସୁରକ୍ଷା ସମିତି ପାଇଁ ଥିବା ନିୟମ ଆଧାରରେ ସର୍ବସମ୍ମତି କ୍ରମେ ସଭାପତି ରବୀନ୍ଦ୍ର ପାଙ୍ଗୀଙ୍କ ଇସ୍ତଫାକୁ ଅଗ୍ରାହ୍ୟ କରାଯାଇଥିଲା। ସେ ସମିତିର କାର୍ଯ୍ୟକାଳ ୨ବର୍ଷ ସମ୍ପନ୍ନ ହେବା ଯାଏ ଦାୟିତ୍ୱ ତୁଲାଇବାକୁ ନିଷ୍ପତ୍ତି ହୋଇଥିଲା। ପାହାଡକୁ ଖଣି ଖାଦାନ ମାନ୍ୟତା ଦେବା ନେଇ ବୁଝାଇବାକୁ ଯାଇ ଏସଡିପିଓ ମହାପାତ୍ର କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ପାହାଡ ବକ୍ସାଇଟ ଖଣି ଖାଦାନ ଉତ୍ସ ଭାବେ ନିଲାମୀ ହେଇଛି ସତ ମାତ୍ର ରାଜ୍ୟ ସରକାର, ଜିଲା ଓ ଖଣିଜ ପ୍ରଶାସନ ଏଯାଏ ଜନଶୁଣାଣି ଲାଗି ବିଜ୍ଞପ୍ତି ଜାରି କରିନାହିଁ। ଏବାବଦକୁ ଖଣି ସତ୍ତ୍ୱାଧିକାରୀ ମାତ୍ର ୨୦ ପ୍ରତିଶତ ଟଙ୍କା ଦେଇ ଏବେ ପାହାଡ଼ରେ ଖଣିର ପରିମାଣ, ପାରିପାର୍ଶ୍ୱିକ ଗ୍ରାମର ଉନ୍ନତି, ଜଙ୍ଗଲ ସୃଷ୍ଟି ନିମନ୍ତେ ଆକଳନ ସର୍ବେକ୍ଷଣ କରୁଛନ୍ତି। ସର୍ବେକ୍ଷଣ ପରେ ସତ୍ତ୍ୱାଧିକାରୀ ଲାଭକ୍ଷତିର ବିଚାର କରି ନିଲାମିର ୫୦ ପ୍ରତିଶତ ଟଙ୍କା ଦାଖଲ କରିବେ। ପରେ ସରକାର ଏନେଇ ଜନ ଶୁଣାଣି ବିଜ୍ଞପ୍ତି ଜାରି କରିବେ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ପାରିପାର୍ଶ୍ୱିକ ପଞ୍ଚାୟତ ବାସୀଙ୍କୁ ନେଇ ଏହି ଜନ ଶୁଣାଣି ହେବ। ଆପଣମାନେ ସହମତି ଦେଲେ ହିଁ ବାଲଡ଼ା ପାହାଡ ଖଣି ଖାଦାନ ମାନ୍ୟତା ପାଇବ ବୋଲି ଏସଡିପିଓ ମହାପତ୍ରଙ୍କ ସମେତ ଉପସ୍ଥିତ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ।



ବୈଠକରେ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ସୁନାବେଡ଼ା, ସେମିଳିଗୁଡ଼ା ଟିପ୍ପର ମାଲିକ ସଂଘର ନୂଆ କର୍ମକର୍ତ୍ତା



ମନୋନୀତ ହୋଇଥିବା ନୂଆ କର୍ମକର୍ତ୍ତା।

ସୁନାବେଡ଼ା, ସେମିଳିଗୁଡା,୭।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଡ଼ା ଓ ସେମିଳିଗୁଡା ଟିପ୍ପର ମାଲିକ ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଦାମନଯୋଡ଼ି ଛକର ଆରବି କାର୍ଯ୍ୟାଳୟଠାରେ ପ୍ରଥମେ ସାଧାରଣ ପରିଷଦ ବୈଠକ ବସି ଆଲୋଚନାକ୍ରମେ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଂଘ ସଭାପତି ତ୍ରିପତି ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଏଥିସହ ଆଗାମୀ ଦିନରେ ସଂଘ କିପରି ସୁଦୃଢ଼ ହୋଇପାରିବ ଏବଂ ସଦସ୍ୟମାନଙ୍କ ସମାଧାନ କରାଯାଇପାରିବ ସେ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଭାବେ ଶଶଧର ରାଉତ, କାର୍ଯ୍ୟକାରୀ ସଭାପତି ତ୍ରିପତି ପାଣିଗ୍ରାହୀ, ଉପସଭାପତି ସରୋଜ ପାତ୍ର, ସାଧାରଣ ସମ୍ପାଦକ ସଞ୍ଜୟ କଣ୍ଟା, ଯୁଗ୍ମ ସମ୍ପାଦକ ସଞ୍ଜୟ ପଣ୍ଡା, କୋଷାଧ୍ୟକ୍ଷ ରୂପେ ସୁନୀଲ ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ସଂଘ ଉପଦେଷ୍ଟା ଭାବେ ଗୌରାଙ୍ଗ ରଥ, ଆନନ୍ଦ ପାଟୱାନିଆ ଓ ଅମର ଭରଦ୍ୱାଜ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗୋବର୍ଦ୍ଧନ ସାହୁ, ବିଶ୍ୱଜିତ ପାଢ଼ୀ, ଶେଖ୍ ମୁସ୍ତାଫିଜ, ନୀହାର ରାୟ, ଏମଡି ଏଜାଜ ପଟେଲ, ବିଚିତ୍ରାନନ୍ଦ ପରିଡା, ଉମ୍ବରୁଧର ମିସିଙ୍ଗ୍ ପ୍ରମୁଖ ମନୋନୀତ ହୋଇଛନ୍ତି। ସଂଘର ସୁପରିଚାଳନା ପାଇଁ ନୂତନ କର୍ମକର୍ତ୍ତାମାନେ ଶପଥପାଠ କରିଥିଲେ।

# ନବୀନ କାର୍ଡ ସମ୍ପର୍କରେ ୧୪ ବ୍ଲକରେ ସଚେତନ କରିବ ରଥ

କୋରାପୁଟ,୭।୧(ଅମିତାଭ ବେହେରା)

କୋରାପୁଟ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ ହୋଇଛି । ସିଡିଏମ୍ଓ ଡାକ୍ତର କାହ୍ନୁଚରଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ୧୪ଟି ବ୍ଲକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ସମ୍ପର୍କରେ ବୁଲିବୁଲି ଲୋକଙ୍କୁ ସଚେତନ କରିବ ବୋଲି ସିଡିଏମଓ ପାତ୍ର କହିଛନ୍ତି। ସରକାରୀ କର୍ମଚାରୀ, ଆୟକରଦାତା ଓ ପେନସନ ପାଉଥିବା ବ୍ୟକ୍ତିମାନଙ୍କ ବ୍ୟତୀତ ଗ୍ରାମାଞ୍ଚଳର ପତ୍ୟେକ ପରିବାର ଏହି ଯୋଜନାରେ ସାମିଲ ହୋଇପାରିବେ ବୋଲି ସେ କହିଥିଲେ । ବିଏସକେୱାଇ ନବୀନ କାର୍ଡ ହିତାଧିକାରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ଘରୋଇ ହସ୍ପିଟାଲଗୁଡିକରେ ନିର୍ଦ୍ଧାରିତ ଗୁରୁତର ରୋଗଗୁଡିକର ଦେୟମୁକ୍ତ ଚିକିତ୍ସା ପାଇପାରିବେ । ଏହି କାର୍ଡରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟାଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ରହିଛି ବୋଲି ପାତ୍ର କହିଥିଲେ। ଏହାର ସୁଯୋଗ ନେବାକୁ ଆସନ୍ତା ୧୬ ତାରିଖ ମଧ୍ୟରେ ହିତାଧିକାରୀଙ୍କୁ ଆବେଦନ କରିବାକୁ ପଡିବ। ଆସନ୍ତା ମେ ୧ରୁ ଏହି ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଶୁଭକାନ୍ତ ଗନ୍ତାୟତ, ଏଡିପିଏଚସିଓ ଶୁଭ ନାରାୟଣ ନାୟକ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଅତିଥିମାନେ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

### ବାଇକ୍ ଚୋରି, ଜଣେ ଗିରଫ

ଜୟପୁର, ୭।୧(ପବନ ପାଣିଗ୍ରାହୀ)

ବାଇକ୍ ଚୋରି ମାମଲାରେ ଟାଉନଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ଦଶମନ୍ତପୁରର ସୁଜନ ନାୟକ। ଗତ ୧୨।୧୨।୨୩ ତାରିଖ ରାତିରେ ବି.ସିଂହପୁର ଥାନା ଅନ୍ତର୍ଗତ ଟେଙ୍କର ଗ୍ରାମର ଗୋରା ମାଝୀ ଜୟପୁର ସହରର ହୋଟେଲ ଅପସରା ସମ୍ମୁଖରେ ବାଇକ ରଖିଥିବା ବେଳେ ତାହା ଚୋରି ହୋଇଯାଇଥିଲା। ଏନେଇ ଟାଉନ ଥାନାରେ ଗୋରା ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଟାଉନ ଥାନା ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ଗ୍ଲୋକାଲ ହସ୍ପିଟାଲ ନିକଟରେ ସୁଜନ ଉକ୍ତ ବାଇକ୍ ଚଲାଉଥିବା ଦେଖି ପୋଲିସ ଚଢାଉ କରିଥିଲା। ତାଙ୍କଠାରୁ ବାଇକ୍ ଜବତ କରାଯାଇଛି। ସୁଜନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ନବରଙ୍ଗପୁର,୭।୧(ସଦାଶିବ ପ୍ରହରାଜ)

ଅବିଭକ୍ତ କୋରାପୁଟ ଜିଲା ମୂଳ ନିବାସୀ ବିକାଶ ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି । ୨୦୦୮ଠାରୁ ମୁଖ୍ୟମନ୍ତ୍ରୀଙ୍କୁ ଅବିଭକ୍ତ କୋରାପୁଟ ଜିଲାର ୪୨ଟି ବ୍ଲକରେ ସରକାରୀ କଲେଜ ଖୋଲିବାକୁ ଦାବିକରି ବିଭିନ୍ନ ସମୟରେ ପରିଷଦ ତରଫରୁ ସହିଦ ଲକ୍ଷ୍ମଣ ନାୟକ ଓ ବାବା ସାହେବ ଆମ୍ବେଦକର ଜୟନ୍ତୀ ଅବସରରେ ନବରଙ୍ଗପୁର ଜଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦିଆଯାଉଥିଲା। ମୁଖ୍ୟମନ୍ତ୍ରୀ ଜଣେ ଜନନାୟକ ହୋଇଥିବାରୁ ଅବିଭକ୍ତ କୋରାପୁଟ ଜିଲାର ବନ୍ଧୁଗାଁ, ନାରାୟଣପାଟଣା, କାଶୀପୁର, ଚନ୍ଦ୍ରପୁର, ରାବଣାଗୁଡା, ତେନ୍ତୁଳିଖୁଣ୍ଟି, କୋଷାଗୁମୁଡା, ରାଇଘର ଓ ଝରିଗାଁ ବ୍ଲକରେ ଯୁକ୍ତ ୩ ସ୍ନାତକ ଶିକ୍ଷା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଆସନ୍ତା ଶିକ୍ଷାବର୍ଷ ୨୦୨୪-୨୫ ରୁ ନାମ ଲେଖା ହେବ ବୋଲି ସୂଚନା ରହିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଧ୍ୱଜ ମାଝୀ ସାଧୁବାଦ ଜଣାଇଛନ୍ତି। ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କୁ ଜଲାସ୍ତରୀୟ ନିଯୁକ୍ତି ପ୍ରକାରେ ଏହି କଲେଜରେ ନିଯୁକ୍ତି ଦେବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି । ଏହି ବ୍ଲକରେ କଲେଜ ହେବା ପରେ ପ୍ରତ୍ୟେକ ବ୍ଲକର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ଅମଲା

ଜୟପୁର,୭।୧(ପବନ ପାଣିଗ୍ରାହୀ)

**ସରକାରଙ୍କ ଅଣଦେଖା ନେଇ ଅସନ୍ତୋଷ**

ଭୁବନେଶ୍ୱରସ୍ଥିତ କର୍ମଚାରୀ ଭବନଠାରେ ରବିବାର ମିଳିତ ଅମଲା ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ରାଜ୍ୟ ଆବାହକ ଚିତ୍ତରଞ୍ଜନ ତରାସିଆଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ସବୁ ଜିଲାର ଆବାହକ, ସଭାପତି, ସମ୍ପାଦକଙ୍କ ସହ ରାଜ୍ୟ ଟ୍ରେଜେରି ଅମଲା ସଂଘ ସଭାପତି, ସାଧାରଣ ସମ୍ପାଦକ, ନିବନ୍ଧକ ଅମଲା ସଂଘ ସଭାପତି, ସାଧାରଣ ସମ୍ପାଦକ, ଓଡ଼ିଶା ଅମଲା ସଂଘ ସଭାପତି, ସାଧାରଣ ସମ୍ପାଦକ ଓ ରାଜ୍ୟ ରାଜସ୍ୱ ଅମଲା ସଂଘ ସାଙ୍ଗଠନିକ ସମ୍ପାଦକମାନେ ଯୋଗ ଦେଇଥିଲେ। ରାଜ୍ୟ ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ମୁଖ୍ୟତଃ ଅମଲାମାନଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦ ଗ୍ରେଡ ପେ ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ସରକାର ଏହି ଦାବି ପୂରଣ ଲାଗି ୨ଥର ପ୍ରତିଶ୍ରୁତି ଦେଇ ଏହାକୁ ଅଣଦେଖା କରୁଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବହେଳାର ପ୍ରତିବାଦରେ ପୁଣି ଥରେ ସମସ୍ତ ଜିଲାସ୍ତରୀୟ ଅମଲା ଆସନ୍ତା ଜାନୁୟାରୀ ୧୭ରୁ ଆନ୍ଦୋଳନକୁ ଓହ୍ଲାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ସରକାର ଅମଲାଙ୍କ ଦାବିପୂରଣ ନେଇ ୨ ଥର ଆଲୋଚନାକୁ ଡାକି ୭ଦିନ ଭିତରେ ଦାବିପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ରକ୍ଷା କରିପାରିନାହାନ୍ତି। ଦାବି ପୂରଣ ହୋଇ ନ ଥିବାରୁ ସମସ୍ତ ଆବାହକ ଓ ଅଧ୍ୟକ୍ଷମାନେ ଆସନ୍ତା ୨୦ରୁ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା କୋରାପୁଟ ଜିଲା ମିଳିତ ଅମଲା ମଞ୍ଚ ସଭାପତି ତଥା ଆବାହକ ଶଶୀଭୂଷଣ ଦାଶ କହିଛନ୍ତି।




ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

### ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବେ କୁନ୍ଦୁରାର ତ୍ରିପତି

କୁନ୍ଦୁରା,୭।୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଫୁପୁଗାଁ ପଞ୍ଚାୟତ ଅନ୍ତର୍ଗତ ଘିଉରିଆ ଗ୍ରାମର ତ୍ରିପତି ନାୟକ(୪୩)ଙ୍କୁ ଅଯୋଧ୍ୟା ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ସମାରୋହରେ ଯୋଗ ଦେବାକୁ ନିମନ୍ତ୍ରଣ ଆସିଛି। ଏଥିପାଇଁ ସେ ଆସନ୍ତା ୧୭ରେ ଅଯୋଧ୍ୟା ଯିବେ। ତ୍ରିପତି ଛୋଟ ବେଳୁ ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ କୁନ୍ଦୁରା ବ୍ଲକରେ ଶ୍ରୀରାମଙ୍କ ବାଣୀ ପ୍ରଚାରରେ ନିଜକୁ ନିୟୋଜିତ କରିଆସିଛନ୍ତି। ସେ ଜଣେ ଆଦିବାସୀ ଯୁବକ ହୋଇ ମଧ୍ୟ ଇତିମଧ୍ୟରେ ଅଯୋଧ୍ୟା, ବୃନ୍ଦାବନ, ମଥୁରା ଭ୍ରମଣ କରି ସାରିଲେଣି। ବିଭିନ୍ନ ସମୟରେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ତ୍ରିପତି ଶ୍ରୀରାମଙ୍କ ବାର୍ତ୍ତା ପ୍ରଚାର କରିବା ସହ ସତ୍‌ସଙ୍ଗ କରୁଛନ୍ତି। ଅଯୋଧ୍ୟା ଯିବାକୁ ନିମନ୍ତ୍ରଣ ଆସିବା ପରେ ତ୍ରିପତିଙ୍କୁ ବଜରଙ୍ଗଦଳ, ଆରଏସଏସ, ଦୁର୍ଗା ବାହିନୀ ଓ ଭାଜପା ପକ୍ଷରୁ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଏସ୍ଏଏସ୍ ବାଲ ମନ୍ଦିର ସ୍କୁଲର ବାର୍ଷିକ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି ।

ଉମରକୋଟ,୭।୧ (ସନ୍ତୋଷ ଶତପଥୀ)

ଉମରକୋଟସ୍ଥିତ ଏସ ଏ ଏସ ବାଲ ମନ୍ଦିର (ଗୁରୁକୁଳ)ର ୧୮ ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପଙ୍କଜ ଲୋଚନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ,ବିଦ୍ୟାଳୟର ସମ୍ପାଦିକା ଗୀତା ରାଣୀ ପଟ୍ଟନାୟକ, ସଭାପତି ରାକେଶ କୁମାର ପଟ୍ଟନାୟକ ଓ ଅଧ୍ୟକ୍ଷା ସସ୍ମିତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କ ଭାଷଣ ପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରୀଙ୍କ ସହ ମନୋଜ ପ୍ରଧାନ କରିଥିବା ନୃତ୍ୟ ପରିବେଷଣ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ଏହି ଅବସରରେ କୌନ ବନେଗା କରୋଡପତିରେ ଅଂଶ ଗ୍ରହଣ କରିଥିବା ଉମରକୋଟର ଅଷ୍ଟମ ଶ୍ରେଣୀର ଛାତ୍ର ଶାଶ୍ୱତ କୁମାର ପଟ୍ଟନାୟକ ଓ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ରତ୍ନପୂର୍ଣ୍ଣା ସାହୁଙ୍କୁ ପ୍ରତିଭା, ପାଠ, କ୍ରୀଡ଼ା ଓ ଉତ୍ତମ ବ୍ୟବହାର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ମନୋଜ ହାଲଦାର, ସତ୍ୟଜିତ ବାନାର୍ଜୀ ଓ ଶରତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନାଗରିକ ମଞ୍ଚର ସ୍ୱାଗତ

ତେନ୍ତୁଳିଖୁଣ୍ଟି,୭।୧(ଚିଦାନନ୍ଦ ସାହୁ)

**ଇନ୍ଦ୍ରାବତୀରେ ଖୋଲିବ ସରକାରୀ ଯୁକ୍ତ ୩ କଲେଜ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀସ୍ଥିତ ଅଫିସର୍ସ କ୍ଲବ ପରିସରରେ ଗୋବର୍ଦ୍ଧନ ସାହୁଙ୍କ ଆହ୍ୱାନରେ ରବିବାର ଇନ୍ଦ୍ରାବତୀ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାର ୪ଟି ସରକାରୀ ଯୁକ୍ତ ୩ କଲେଜ ଖୋଲିବା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିରେ ତେନ୍ତୁଳିଖୁଣ୍ଟି ବ୍ଲକର ଇନ୍ଦ୍ରାବତୀ ସାମିଲ ଥିବାରୁ ରାଜ୍ୟ ସରକାରଙ୍କୁ ଏବଂ ଖୋଲିବା ପାଇଁ ଉଦ୍ୟମ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଇନ୍ଦ୍ରାବତୀ ନାଗରିକ ମଞ୍ଚ କୃତଜ୍ଞତା ଜଣାଇଛି। ଖବରଦାତା ପୃଥ୍ୱୀରାଜ ପାଇକରାୟ ବକ୍ତବ୍ୟ ରଖି ବିଜୁବାବୁ ଇନ୍ଦ୍ରାବତୀବାସୀଙ୍କୁ ଯୁକ୍ତ ୨ କଲେଜ ଦେଇଥିଲେ ଏବେ ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁକ୍ତ ୩ କଲେଜ ଦେଇଥିବାରୁ ଧନ୍ୟବାଦ ଦେଇଥିଲେ। ଜିଲାରେ କୌଣସି କଳକାରଖାନା ନ ଥିବା, ରେଳପଥ ନ ଥିବା ଓ ପଶ୍ଚିମ ଓଡିଶା ଭଳି ଲଢୁଆ ହେଲେ ହେଁ ଆମେ ନ୍ୟାୟ ଓ ହକ ପାଇପାରିବା ବୋଲି ଅବସରପ୍ରାପ୍ତ କର୍ମଚାରୀ ରମେଶ ପଟ୍ଟନାୟକ ନିଜ ମତ ରଖିଥିଲେ । ଆଗାମୀ ଦିନରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରି ଇନ୍ଦ୍ରାବତୀକୁ ବିକାଶଧାରାରେ ଆଗେଇ ନେବା ଏବଂ ଉନ୍ନତ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ ଦାବି କରିଥିଲେ। ଇନ୍ଦ୍ରାବତୀ ମେଡ଼ିକାଲ ଓ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ତଥା ରାଜଧାନୀକୁ ବସ ସେବା ଆଦି ପାଇଁ ୫-ଟି ଅଧ୍ୟକ୍ଷଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ଇନ୍ଦ୍ରାବତୀ ବଣିକ ସଙ୍ଘ ସଭାପତି ମତ୍ୟୁଞ୍ଜୟ ପାତ୍ରଙ୍କ ସହ ଶତାଧିକ ନାଗରିକ ମତ ରଖିଥିଲେ। ହରିବନ୍ଧୁ ପରିଡା, ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ବିଶ୍ୱନାଥ ସିଂ, ଅଭିମନ୍ୟୁ ସାହୁ, ଚନ୍ଦ୍ରଶେଖର ଦଳେଇ, ବୁଡି ଅଞ୍ଚଳ ନେତା ସୁଧୀର ସୁନା, ମହେଶ୍ୱର ମହାନ୍ତ, ସୁରେନ୍ଦ୍ର ରାଉତ, ବାପି ରାଉତ, ପ୍ରଶାନ୍ତ ନାୟକ, ଆଶିଷ ଟାକ୍ରି,ବାବୁନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହେଶ୍ୱର ଧନ୍ୟବାଦ ଦେଇଥିଲେ।

# ବନ୍ଧୁଗାଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ

କୋରାପୁଟ/ ନାରାୟଣପାଟଣା,୭।୧ (ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲାର ବନ୍ଧୁଗାଁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୭୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବନ୍ଧୁଗାଁ ବ୍ଲକ ଶିକ୍ଷକ ଭବନଠାରେ ସଂଘ ସଭାପତି ମନୋଜ କୁମାର ବାଘଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ମଦନ ମୋହନ ମୁଦୁଲି, ଈଶ୍ୱର ଚନ୍ଦ୍ର ମୁଦୁଲି ଏବଂ ସଂଘର ପୂର୍ବତନ ସମ୍ପାଦକ ଭାବଗ୍ରାହୀ ମୁଦୁଲି ଉପସ୍ଥିତ ରହି ଶିକ୍ଷକ ସଂଘର ଉଦ୍ଦେଶ୍ୟ ଉପରେ ନିଜ ମତ ରଖିଥିଲେ । ସଂଘ ସମ୍ପାଦକ କେ. ପ୍ରତାପ କୁମାର ସ୍ୱାଗତ ସୂଚନା ଦେଇଥିଲେ। ଶିକ୍ଷକ ଭବନଠାରେ ଆୟୋଜିତ ବୈଠକରେ ବନ୍ଧୁଗାଁ ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ସଂଘର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସଂଘ ସମ୍ପାଦକ କେ. ପ୍ରତାପ କୁମାର ଶିକ୍ଷକମାନଙ୍କ ରହିଥିବା ବିଭିନ୍ନ ସମସ୍ୟା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଉପସ୍ଥାପିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ଶିକ୍ଷକ ସଂଘର ନୂତନ ଗୃହ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ସାମନ୍ତରାୟ, ଏ. ନାରାୟଣ ସୁବୁଦ୍ଧି, ଫକୀର ମୋହନ ହାଁସଦା, ଗୟାଧର ସାମଲ, ପ୍ରକାଶ ପାଣିଗ୍ରାହୀ, ଧ୍ରୁବଚରଣ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିକ୍ଷକମାନେ।

